# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29th May - 2025**

***********************************

## ମୁଖ୍ୟ ସମ୍ବାଦ

- ପୁରୀରୁ ବିକଶିତ କୃଷି ସଙ୍କଳ୍ପ ଅଭିଯାନର ଶୁଭାରମ୍ଭ କଲେ କେନ୍ଦ୍ର କୃଷିମନ୍ତ୍ରୀ ।

— କୃଷକମାନଙ୍କ ମଧ୍ୟରେ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ସଚେତନତା ସୃଷ୍ଟି ପାଇଁ ସଙ୍କଳ୍ପ ଅଭିଯାନ ଯୁଗାନ୍ତକାରୀ ପଦକ୍ଷେପ; କହିଲେ ମୁଖ୍ୟମନ୍ତ୍ରୀ ।

- ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତା ଓ ନେତୃତ୍ୱ ଭାବନା ଜାଗ୍ରତ କରିବାରେ ସହାୟକ ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସୂଚନା ।
- କୋଭିଡ୍ ନେଇ ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି ।

*Desk*

# କୃଷି ସଙ୍କଳ୍ପ ଅଭିଯାନ

ଭାରତ’ ଦେଶର ଜନସାଧାରଣଙ୍କ ଖାଦ୍ୟର ଚାହିଦା ପୂରଣ କରିବା ସହ ସମଗ୍ର ବିଶ୍ୱକୁ ଖାଦ୍ୟ ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । କେନ୍ଦ୍ର ସରକାରଙ୍କର ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଆଜି ପୁରୀର ସାକ୍ଷୀଗୋପାଳଠାରେ ଶୁଭାରମ୍ଭ କରି ଶ୍ରୀ ଚୌହ୍ୱାନ କହିଛନ୍ତି, ଚଳିତ ବର୍ଷ ଦେଶରେ ୩ ହଜାର ୫୩୯ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୨୧୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ । ଭଲ ଉତ୍ପାଦନପାଇଁ  ଉତ୍ତମ କିସମର ବିହନର ଆବଶ୍ୟକତା ରହିଛି । ଏନେଇ ଆଇ.ସି.ଏ.ଆର୍. ବୈଜ୍ଞାନିକଙ୍କ ନିରନ୍ତର ଉଦ୍ୟମକୁ  ଶ୍ରୀ ଚୌହାନ୍ ପ୍ରଶଂସା କରିଛନ୍ତି । ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ କୃଷକମାନଙ୍କୁ କୃଷି ବୈଜ୍ଞାନିକମାନଙ୍କ ସହ ସିଧାସଳଖ ଆଲୋଚନାରେ ଭାଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି ପାଇଁ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି । ଏହି ଅଭିଯାନ ମାଧ୍ୟମରେ ଦେଶର ୭ ଶହଟି ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବାର ଯୋଜନା ରଖିଛନ୍ତି । କୃଷକମାନଙ୍କୁ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

*Voice :.......*

ସୂଚନାଯୋଗ୍ୟ, ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଆସନ୍ତା ଜୁନ୍ ମାସ ୧ ୨ ତାରିଖ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଜିଲ୍ଲାରେ ଚାଲିବ ।

***Jharsuguda, Sonepur/R***

# କୃଷି ସଙ୍କଳ୍ପ ଅଭିଯାନ - ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ  ଆରମ୍ଭ ହୋଇଛି । ଝାରସୁଗୁଡ଼ା ଜିଲ୍ଲା ତାଳପଟିଆଠାରେ ଆଜି ବିକଶିତ କୃଷି ସଙ୍କଳ୍ପ ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀ ମୃତ୍ତିକା ପରୀକ୍ଷା ରଥର ଉଦ୍‌ଘାଟନ କରିବା ସହ କୃଷି ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି । ଡ୍ରୋନ୍ ମାଧ୍ୟମରେ ଚାଷଜମିରେ କୀଟନାଶକ ସିଞ୍ଚନ କୌଶଳ ପ୍ରଦର୍ଶନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ବିଶିପଡ଼ା ଗ୍ରାମରେ ମୁଖ୍ୟ ଜିଲ୍ଲା କୃଟି ଅଧିକାରୀ ରୁଦ୍ରଦେବ ରାଉତ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କୃଷି ବୈଜ୍ଞାନିକମାନେ ଯୋଗଦେଇ ଉତ୍ପାଦନକୁ ଦ୍ୱିଗୁଣିତ କରିବା, ଜୈବିକ କୃଷି, ଜଳ ପରିଚାଳନା ସହ ମୃତ୍ତିକା ପରୀକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

*Desk*

# ଲକ୍ଷପତି ଦିଦି ସମ୍ମିଳନୀ

ଲକ୍ଷପତି ଦିଦି ଯୋଜନା କେବଳ ରୋଜଗାରର ମାଧ୍ୟମ ନୁହେଁ; ବରଂ ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଏବଂ ନେତୃତ୍ୱଭାବନା ଜାଗ୍ରତ କରିବାରେ ସହାୟକ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆଜି ମିଶନ ଶକ୍ତି ବିଭାଗ ପକ୍ଷରୁ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବାରେ ଲକ୍ଷପତିଦିଦିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡ଼ିକର ସଫଳତାକୁ ସମର୍ଥନ ଦେବା ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ମାଝୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ । ଏହି କାର୍ଯ୍ୟକ୍ରମ ବଳରେ ଗ୍ରାମାଞ୍ଚଳର ମହିଳାମାନେ ରୋଜଗାର କରିବା ସହ ଅନ୍ୟପାଇଁ ଉଦାହରଣ ହୋଇପାରିଛନ୍ତି ।

***Voice :........***

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ

ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

***Desk***

## କୋଭିଡ୍ - ସ୍ୱାସ୍ଥ୍ୟମନ୍ତ୍ରୀ

କୋଭିଡ୍ ପରିସ୍ଥିତି ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ କୋଭିଡ୍ ପରିସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ବିବୃତି ଉପରେ ଆଲୋକପାତ କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସଂକ୍ରମଣ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକସ୍ଥଳେ ଏଥିପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ । ରାଜ୍ୟରେ ଡେଙ୍ଗୁର ରୋଗର ପ୍ରାର୍ଦୁଭାବକୁ ମଧ୍ୟ ପ୍ରତିହତ କରିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ମହାଲିଙ୍ଗ୍ କହିଛନ୍ତି ।

ସେହିଭଳି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ୫ ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋଭିଡ୍‌ର ମୁକାବିଲାପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ପରୀକ୍ଷଣ ପାଇଁ ଯଥେଷ୍ଟ କିଟ୍ ମହଜୁଦ ରଖାଯାଇଛି । ଆବଶ୍ରକତା ଅନୁସାରେ ବିଭିନ୍ନ ଜିଲ୍ଲାକୁ ଟେଷ୍ଟିଂ କିଟ୍ ଯୋଗାଇ ଦିଆଯିବ ବୋଲି ଡକ୍ଟର ମିଶ୍ର କହିଛନ୍ତି ।

*Desk*

# ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନୁଗୁଳ ଓ କୋଲାଡ ଟ୍ରକ୍ ମାଲିକ ସଂଘର ପ୍ରତିନିଧି ଦଳଙ୍କ ଉପସ୍ଥିତିରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ସାକ୍ଷାତ କରିଛନ୍ତି । ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଟ୍ରକ୍ ମାଲିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକରେ ଟ୍ରକ୍ ମାଲିକ ଓ ଚାଳକଙ୍କ କଲ୍ୟାଣ ସୁନିଶ୍ଚିତ କରିବା, ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ତଥା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିବାର ଶ୍ରୀ ପ୍ରଧାନ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

*GNR*

# ଆର୍.ବି.ଆଇ. - ଇକୋନୋମି ରିପୋର୍ଟ

ଚଳିତ ଆର୍ଥିକ ବର୍ଷରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ରର ମାନ୍ୟତା ବଜାୟ ରଖିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆର୍.ବି.ଆଇ. କହିଛି । ଘରୋଇ କ୍ଷେତ୍ରର ଅଭିବୃଦ୍ଧି, ବ୍ୟାଙ୍କ୍ ଏବଂ

କର୍ପୋରେଟ୍ କ୍ଷେତ୍ରର ଆର୍ଥିକ ପରିଚାଳନା ଓ ନିରନ୍ତର ସାର୍ବଜନୀନ ପୁଞ୍ଜି ଖର୍ଚ୍ଚ ଦ୍ୱାରା ଏହି ସୁଫଳ ମିଳିବ ବୋଲି ଆର୍.ବି.ଆଇ. ଆଜି ପ୍ରକାଶିତ ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି । ଭଲ ମୌସୁମୀ, ସାମଗ୍ରୀ ମୂଲ୍ୟର ହ୍ରାସ ଏବଂ ଉନ୍ନତ ଯୋଗାଣ ଶୃଙ୍ଖଳ ମୁଦ୍ରାସ୍ଫିତି ହ୍ରାସ କରିବାରେ ସହାୟକ ହେବ ବୋଲି ଆର୍.ବି.ଆଇ. ଆଶାବ୍ୟକ୍ତ କରିଛି । ବିଶ୍ୱସ୍ତରରେ ରପ୍ତାନୀ କ୍ଷେତ୍ର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାର ସମ୍ଭାବନା ଥିଲେ ମଧ୍ୟ ଭାରତର ବାଣିଜ୍ୟ ଚୁକ୍ତି ଏହାକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆର୍.ବି.ଆଇ. କହିଛି । ଉତ୍ପାଦନ ଏବଂ ନିର୍ମାଣ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ନିୟମାବଳୀକୁ ସରଳ କରିବା ଏବଂ ସାଇବର ସୁରକ୍ଷାକୁ ଅଧିକ ସୁଦୃଢ଼ କରିବାକୁ ଆର୍.ବି.ଆଇ. ଯୋଜନା ପ୍ରସ୍ତୁତ କରୁଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

***Desk***

## ଶୀତଳଷଷ୍ଠୀ - ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ

ସମ୍ବଲପୁରର ପ୍ରସିଦ୍ଧ ଶୀଳତଷଷ୍ଠୀ ଯାତ୍ରାକୁ ଆହୁରି ଭବ୍ୟ ଏବଂ ଏହାର ଅଧିକ ପ୍ରଚାର ପ୍ରସାର କରିବାପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି । ଏହି ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ପାଣ୍ଠିରୁ ପ୍ରଦାନ କରାଯିବ । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି ।

*Koraput/R*

# ମାଓବାଦୀ ଗିରଫ

କୋରାପୁଟ ପୁଲିସ୍ ମାଓବାଦୀ କୁଞ୍ଜାମ୍ ହିଡିମା ଏଲିୟସ୍ ମୋହନକୁ ବୈପାରୀଗୁଡ଼ା ଥାନା ପେଟଗୁଡ଼ା ଜଙ୍ଗଲରୁ ଗିରଫ କରିଛି । ସେ ଛତିଶଗଡ଼ର ବିଜାପୁର ଜିଲ୍ଲା ଉସୁର ଥାନା ଜାନାଗୁଡ଼ା ଗ୍ରାମର ବୋଲି ଏସ୍.ପି. ରୋହିତ ବର୍ମା ସୂଚନା ଦେଇଛନ୍ତି । କୁଞ୍ଜାମ ହିଡିମାକୁ ଧରିବାପାଇଁ ୪ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା ।

*Nayagarh/R*

# ସୁବର୍ଣ୍ଣ ଜୟନ୍ତୀ

ଶିଶୁର ଅନ୍ତର୍ନିହିତ ଗୁଣ ବିକାଶ ପାଇଁ ପ୍ରତିଟି ବିଦ୍ୟାଳୟରେ ବାର୍ଷିକୋତ୍ସବର ଆବଶ୍ୟକତା ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକ୍ ବ୍ରଜରାଜପୁରଠାରେ ଥିବା ପଞ୍ଚାୟତ ହାଇସ୍କୁଲ୍ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ବାଚସ୍ପତି ଏହା କହିଛନ୍ତି । ଛାତ୍ରଛାତ୍ରୀମାନେ କିଭଳି ନିଜକୁ ଶ୍ରେଷ୍ଠ ନାଗରିକ ଭାବେ ଗଢ଼ି ତୋଳିପାରିବେ, ଉତ୍ତମ ଛାତ୍ର ଗଠନରେ ଶିକ୍ଷକ ତଥା ସମାଜର ଭୂମିକା ସମ୍ପର୍କରେ ଅତିଥିମାନେ ଏହି ଅବସରରେ ମତବ୍ୟକ୍ତ କରିଥିଲେ ।

*Dhenkanal/R*

## ସମବାୟ ଉତ୍ସବ

ଢେଙ୍କାନାଳଠାରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ସମସ୍ତ ସହଯୋଗରେ ସମବାୟ ଆନ୍ଦୋଳନ ସଫଳ ହୋଇପାରିଛି ଏବଂ ରାଜ୍ୟବ୍ୟାପୀ କୃଷିକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ସମବାୟ ସମିତିର ପ୍ରତ୍ୟେକ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ପହଞ୍ଚିଲେ କୃଷି ଓ ପଶୁପାଳନ ବ୍ୟାପକ ହୋଇପାରିବା ସହ ସମସ୍ତେ ଏହାର ସୁଫଳ ପାଇପାରିବେ ବୋଲି ସେ କହିଛନ୍ତି ।

*Met. O.*

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ଧୀରେ ଧୀରେ ଉତ୍ତର ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆସନ୍ତା ଦୁଇ ଦିନ ପାଇଁ ରାଜ୍ୟ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****